# ନବୀନଙ୍କ ପାଇଁ କମଳା ମହଙ୍ଗା ପଡ଼ିବେ

୧୯/୦୫/୨୦୦୧

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ନବୀନବାବୁଙ୍କ ଶାସନର ଗୋଟିଏ ବିଲକ୍ଷଣ ଦିନକୁ ଦିନ ଅଧିକ ସ୍ପଷ୍ଟ ହେବାରେ ଲାଗିଛି । ତାଙ୍କ ପ୍ରଶାସନର ଦୋଷ ଦୁର୍ବଳତାକୁ ଉଲ୍ଲେଖ କରି କୌଣସି ଅଭିଯୋଗ ସମ୍ବାଦପତ୍ରରେ ପ୍ରକାଶ ପାଇଲେ ସେଗୁଡ଼ିକ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସେ ଉଚିତ ମନେ କରନ୍ତି ନାହିଁ । ଆମେ ତ ଅନେକ ସମୟରେ ସନ୍ଦେହ କରୁ, ଓଡ଼ିଆ ଭାଷାରେ ଦକ୍ଷତା ନ ଥିବା ଦୃଷ୍ଟିରୁ ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ତାଙ୍କ ଶାସନ ବିରୋଧରେ ଆସୁଥିବା ଅଭିଯୋଗଗୁଡ଼ିକ ତାଙ୍କ ଦୃଷ୍ଟିକୁ ସିଧାସଳଖ ଆସୁ ନ ଥିବ । ତେବେ ତାଙ୍କର ସୂଚନା ଓ ଲୋକସମ୍ପର୍କ ପରାମର୍ଶଦାତା, ଶାସନ ସଚିବମାନେ ଏବଂ ମୁଖ୍ୟ ଶାସନ ସଚିବ କ'ଣ କରୁଛନ୍ତି ?

ନବୀନବାବୁଙ୍କ ଗତ ୧୪ ମାସର ଶାସନ ସମ୍ପର୍କରେ ଆଉ କିଛି କୁହାଯାଉ ବା ନ ଯାଉ, ଅନ୍ତତଃପକ୍ଷେ ବ୍ୟକ୍ତିଗତ ଭାବେ ସେ ଯେ ଏପର୍ଯ୍ୟନ୍ତ ଦୁର୍ନୀତିମୁକ୍ତ ରହିଛନ୍ତି - ଏଭଳି ଏକ ଧାରଣା ସୃଷ୍ଟି ହୋଇଛି । ଶାସନ ମୁଖ୍ୟଙ୍କର ନିର୍ମଳ ଭାବମୂର୍ତ୍ତି ଆଜିର ପଙ୍କିଳ ରାଜନୀତିରେ ଏକ ବିରାଟ ବଡ଼ ଶକ୍ତି । ତେବେ ନିକଟ ଅତୀତର କେତୋଟି ନିଷ୍ପତ୍ତି ସମ୍ପର୍କରେ ଦୃଷ୍ଟାନ୍ତ ଦେଲେ ନବୀନଙ୍କ ପ୍ରଶାସନ କିପରି ଚାଲିଛି ଏବଂ ତାଙ୍କର ତଥାକଥିତ ନିର୍ମଳ ଭାବମୂର୍ତ୍ତିର ଭିତ୍ତିଭୂମି ଯେ କେତେ ଦୁର୍ବଳ ଏବଂ କେତେ ଖସଡ଼ା ତାହା ସହଜରେ ଅନୁମାନ କରିହେବ । ଆଜି ଦୁଇଟି ନିଷ୍ପତ୍ତି ସମ୍ପର୍କରେ ବିଚାର କରାଯାଉ ।

ଅବସର ନେବା ପରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କର ପଦବୀ ଖାଲି ପଡ଼ିଲା । ଡେପୁଟୀ ଡ୍ରଗ୍ସ କଣ୍ଟ୍ରୋଲରମାନଙ୍କ ମଧ୍ୟରୁ ଜଣଙ୍କୁ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ନିଯୁକ୍ତି ଦେବା କଥା । ସରକାରଙ୍କୁ ପୂର୍ବତନ କଣ୍ଟ୍ରୋଲରଙ୍କର ଅବସର ନେବା ତାରିଖ ବହୁ ପୂର୍ବରୁ ଜଣାଥିଲା । କେଜାଣି କାହିଁକି, ସରକାର ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ସମୟରେ ନିଷ୍ପତ୍ତି ନେଲେନାହିଁ । ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କୁ ସାମୟିକ ଭାବରେ ଦାୟିତ୍ୱ ଦେଲେ । ପରେ ଏହା ନୀତିବିରୋଧୀ ହୋଇଥିବା ଦୃଷ୍ଟିରୁ ବରିଷ୍ଠତମ ଡେପୁଟୀ ଡ୍ରଗ୍ସ କଣ୍ଟ୍ରୋଲର ଶ୍ରୀଯୁକ୍ତ ବିମଳକାନ୍ତ ମହାନ୍ତିଙ୍କୁ ନିଯୁକ୍ତି ଦେଲେ । ଶ୍ରୀଯୁକ୍ତ ମହାନ୍ତିଙ୍କ ବିରୋଧରେ କିନ୍ତୁ ବହୁ ଗୁରୁତର ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା । ଏହି ଅଭିଯୋଗଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବାରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ବିଚାରାଧୀନ ଥିଲା । ୧୯୯୬ ମସିହାରେ ଆଗତ ଜନସ୍ୱାର୍ଥ ମାମଲାକୁ ବିଚାର କରି ଉଚ୍ଚ ନ୍ୟାୟାଳୟ ୧୯୯୮ ମସିହାରେ ଅଭିଯୋଗଗୁଡ଼ିକ ସମ୍ପର୍କରେ ଶିକ୍ଷା ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ତଦନ୍ତ ପାଇଁ ପରାମର୍ଶ ଦେଲେ । ନିର୍ଦ୍ଦେଶକ ମହୋଦୟ ଦୀର୍ଘ ୧ ବର୍ଷ ପରେ ୧୯୯୯ ମସିହାରେ ଦୁର୍ନୀତି ଅଭିଯୋଗଗୁଡ଼ିକୁ ସତ୍ୟ ବୋଲି କହି ରିପୋର୍ଟ ଦେଲେ । କିନ୍ତୁ ସରକାର ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ । ଉଚ୍ଚ ନ୍ୟାୟାଳୟ ଯେତେବେଳେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି ବୋଲି ପଚାରିଲେ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ କରିବା ପରିବର୍ତ୍ତେ ଅଧିକ ୩ ମାସ ସମୟ ମଗାଗଲା । କିନ୍ତୁ ସମୟ ମାଗିବାର ମାତ୍ର ୯ ଦିନ ପରେ ବିମଳକାନ୍ତ ମହାନ୍ତିଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପୁରସ୍କାରସ୍ୱରୂପ ପଦୋନ୍ନତି ଦେବାପାଇଁ ମସୁଧା କରାଗଲା । ମନ୍ତ୍ରୀ ମହୋଦୟ ବିଭାଗୀୟ ସଚିବ, ମୁଖ୍ୟ ସଚିବ ଏବଂ ରାଷ୍ଟ୍ରମନ୍ତ୍ରୀଙ୍କର ପରାମର୍ଶକୁ କାଟିଦେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଲେ । ଆଳ କରି ହାତ କାଟି ଲେଖିଲେ ଯେ, ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଉ । ଉଚ୍ଚ ନ୍ୟାୟାଳୟ କ'ଣ ଏହି କଥା କହିଥିଲେ ? ପରେ ପରେ ମାର୍ଚ୍ଚ ମାସରେ ବିଭାଗୀୟ ପଦୋନ୍ନତି କମିଟି ବସିଲା । ବିମଳକାନ୍ତ ମହାନ୍ତିଙ୍କୁ ପଦୋନ୍ନତି ପାଇଁ ଅନୁପଯୁକ୍ତ ବିବେଚନା କରାଗଲା । ମନ୍ତ୍ରୀ ମହୋଦୟ ଏ ଫାଇଲ୍‌ଟିକୁ ମଧ୍ୟ ଚାପି ରଖିଲେ । ଉଚ୍ଚ ନ୍ୟାୟାଳୟ ମାଗିଲେ ମଧ୍ୟ ପୁଣି ୭ ଦିନ ସମୟ ନେଲେ ।

ପ୍ରଶାସନର ବିଲକ୍ଷଣ ସମ୍ପର୍କରେ ଅନ୍ୟ ଏକ ଦୃଷ୍ଟାନ୍ତ ହେଲା, ଜଙ୍ଗଲ ବିଭାଗର ଗୌରୀନାଥଙ୍କ ପ୍ରତି ଅହେତୁକ ଦୁର୍ବଳତା । ଗୌରୀନାଥଙ୍କ ସମ୍ପର୍କରେ ଗୁରୁତର ଅଭିଯୋଗ ପ୍ରମାଣିତ ହୋଇଥିଲା । ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଏବଂ ମନ୍ତ୍ରୀ ମହୋଦୟ ସମସ୍ତେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମତ ଦେଇଥିଲେ । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ସଚିବମାନେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କଲେ । କୁହାଗଲା, ଗୌରୀନାଥଙ୍କ ସମ୍ପର୍କରେ ଅଧିକ ଅନୁସନ୍ଧାନ କରାଯାଉ । ଅନୁସନ୍ଧାନ ମଧ୍ୟ ହେଲା । ଅଭିଯୋଗଗୁଡ଼ିକ ପୁଣି ସତ୍ୟ ପ୍ରମାଣିତ ହେଲା । ତଥାପି ସରକାରଙ୍କର ନିଦ ଭାଙ୍ଗିଲା ନାହିଁ । ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ? ଓଲଟା ଗୌରୀନାଥଙ୍କୁ ସମୟ ଦିଆଗଲା, ଯେପରି ସେ ଟ୍ରିବ୍ୟୁନାଲ୍‌କୁ ଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକ ସ୍ଥଗନାଦେଶ ହାସଲ କରିପାରିବେ । ଟ୍ରିବ୍ୟୁନାଲ୍ କିନ୍ତୁ ଏଭଳି ଆଦେଶ ଦେବାପାଇଁ ମନା କଲେ । ତଥାପି ଗୌରୀନାଥ ସୁରକ୍ଷିତ ଅଛନ୍ତି ।

ଉପରୋକ୍ତ ଦୁଇଟି ଦୃଷ୍ଟାନ୍ତରୁ ନବୀନଙ୍କ ସରକାର କିପରି ଚାଲିଛି ଏବଂ ଦୁର୍ନୀତି ସମ୍ପର୍କରେ ନବୀନଙ୍କର ପ୍ରକୃତ ଆଭିମୁଖ୍ୟ କ'ଣ, ଧୀରେ ଧୀରେ ସ୍ପଷ୍ଟ ହେବାକୁ ଲାଗିଲାଣି । ଅଧିକାଂଶ ଦୁର୍ନୀତି ଅଭିଯୋଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନର ନଥିପତ୍ର ମୁଖ୍ୟ ଶାସନ ସଚିବ, ମନ୍ତ୍ରୀଙ୍କ ଦପ୍ତର ବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଅଟକି ରହୁଛି । ଦୁର୍ନୀତିଗ୍ରସ୍ତ ଅଫିସରମାନେ ଏହି ତିନୋଟି ସ୍ତରରୁ ଯେଉଁ ସ୍ତରଟିକୁ ଧରିପାରୁଛନ୍ତି, ସେହି ସ୍ତରରେ ଦଣ୍ଡାଦେଶକୁ କେବଳ ଅଟକାଇ ପାରୁନାହାନ୍ତି; ଅନେକ ସମୟରେ ତାକୁ ପୁରସ୍କାରରେ ମଧ୍ୟ ପରିବର୍ତ୍ତନ କରିବାରେ ସଫଳ ହୋଇ ପାରୁଛନ୍ତି । ଏହା ନବୀନଙ୍କ ଶାସନ ସମ୍ପର୍କରେ ଜନସାଧାରଣଙ୍କୁ କି ସନ୍ଦେଶ ଦେଉଛି ?

ଆମ ବିଚାରରେ କମଳା ଦାସଙ୍କ ଆଚରଣ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ଆଦୌ ଶୋଭନୀୟ ହେଉନାହିଁ । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ବେଖାତିର୍ କରିବା, ପରେ ଗୋଇଠା ମାରି ବିଷ୍ଟୁ କଲା ପରି ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ ମାଧ୍ୟମରେ ଦୁଃଖପ୍ରକାଶ କରିବା, ପୁଣି ଅତ୍ୟନ୍ତ ନିର୍ଲଜ ଭାବରେ ଆଉ ଗୋଟିଏ ନଥିପତ୍ରକୁ ଚାପି ରଖିବା ଆଦି ଗୁରୁତର ଅଭିଯୋଗରେ ଅଭିଯୁକ୍ତ ମନ୍ତ୍ରୀଙ୍କୁ ନବୀନବାବୁ ନିଜ ଭାବମୂର୍ତ୍ତି ଦୃଷ୍ଟିରୁ ମିନିଟିଏ ପାଇଁ ବି ବରଦାସ୍ତ କରିବା ଉଚିତ ନୁହେଁ । ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ ମାଧ୍ୟମରେ ଦୁଃଖପ୍ରକାଶ କରିବା ପରିବର୍ତ୍ତେ ନବୀନବାବୁ କମଳା ଦାସଙ୍କୁ ବରଖାସ୍ତ କରିଥିଲେ ତାଙ୍କ ଭାବମୂର୍ତ୍ତି ଅଧିକ ଉଜ୍ଜ୍ୱଳ ହୋଇଥାନ୍ତା । ତାହା ସେ କରିନାହାନ୍ତି କି କରିବେ ମଧ୍ୟ ନାହିଁ । ତେଣୁ ନବୀନବାବୁଙ୍କ ପାଇଁ କମଳା ନିଶ୍ଚିତ ଭାବରେ ମହଙ୍ଗା ପଡ଼ିବେ ।